# ଜଳୁଛି ଜଙ୍ଗଲ, ଅସୁରକ୍ଷିତ ବନ୍ୟପ୍ରାଣୀ

ରାୟଗଡ଼ା,୯।୪(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଗତ କିଛିଦିନ ହେଲା ଜଙ୍ଗଲରେ ନିଆଁ ଲାଗି ଜଳୁଛି । ସଚେତନତା ଅଭାବରୁ ଅଙ୍ଗାର, ମହୁ ଓ ମହୁଲ ପାଇଁ ଲୋକେ ଜଙ୍ଗଲରେ ନିଆଁ ଲଗାଉଛନ୍ତି। ଫଳରେ ଅଗ୍ନିକାଣ୍ଡ ଘଟି ଜଙ୍ଗଲ ନଷ୍ଟହେବା ସହ ବିଭିନ୍ନ ଔଷଧୀୟ ଗଛ, ମୂଲ୍ୟବାନ୍ ବୃକ୍ଷଲତା ନଷ୍ଟହେବାରେ ଲାଗିଛି। ବିପଦ ଅବସ୍ଥାରେ ଥିବା ବନ୍ୟପ୍ରାଣୀ ଗାଁମୁହାଁ ହେଉଛନ୍ତି। ମୁନିଗୁଡ଼ା ରେଞ୍ଜ ଅନ୍ତର୍ଗତ ଚାଟିକଣା, ସକଟା ସଂରକ୍ଷିତ ଜଙ୍ଗଲରେ ସର୍ବାଧିକ ଔଷଧୀୟ ବୃକ୍ଷ ଥିବାବେଳେ ପ୍ରତିବର୍ଷ ବନାଗ୍ନି ଯୋଗୁ ସେଗୁଡ଼ିକ ନଷ୍ଟହେବାକୁ ବସିଲାଣି। ସେହିପରି ଜନବସତିରୁ ବହୁ ଦୂରରେ ଥିବା ନିୟମଗିରି, ବାସଙ୍ଗମାଳି, ଇରୁକୁଟି, ହଂସା, କଦାପାଡୁ ଜଙ୍ଗଲ ମଧ ଜଳୁଛି। ପୂର୍ବରୁ ଏସବୁ ଜଙ୍ଗଲରେ ବାଘ, ହାତୀ, ଭାଲୁ, ହରିଣ, ବାରହା, ଠେକୁଆ, ଝିଙ୍କ, ବଜ୍ରକାପ୍ତା, ପାଟମୂଷା, ମୟୂର ଓ ବଣକୁକୁଡ଼ା ଇତ୍ୟାଦି ପଶୁପକ୍ଷୀ ନିରାପଦରେ ରହିଥିଲେ । ହେଲେ ଗତ କିଛିବର୍ଷ ହେବ ବାରମ୍ବାର ଅଗ୍ନିକାଣ୍ଡ ଯୋଗୁ ଅନେକ ପ୍ରାଣୀ ଲୋପପାଇଯାଇଛନ୍ତି। ହାତଗଣତି କେତେକ ହାତୀ ଓ ବାରହା ଜନବସତି ମୁହାଁ ହେଉଛନ୍ତି।

ସେହିପରି ରାୟଗଡ଼ା ସହର ମଝିଘରିଆଣୀ ମନ୍ଦିର ପୋଲ ତଳ ଝଞ୍ଜାବତୀ ନଦୀ କୂଳରେ ଥିବା ଜଙ୍ଗଲ ଜଳୁଛି । ରାୟଗଡ଼ାଠାରୁ କୋରାପୁଟ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥ କଡ଼ରେ ଥିବା ଗୁମ୍ମା ଓ ସାଙ୍କେଶ ଜଙ୍ଗଲରେ ନିଆଁ ଲାଗିଥିଲେ ମଧ ଏହାକୁ କେହି ଆୟତ୍ତ କରୁନାହାନ୍ତି । ଜଙ୍ଗଲରେ ନିଆଁ ଲଗାଇ ଏହାକୁ ସଫା କରାଯାଉଥିବା ଆଲୋଚନା ହେଉଛି। ଫଳରେ ଦିନକୁ ଦିନ ନଦୀକୂଳ ଅସୁରକ୍ଷିତ ହେବାରେ ଲାଗିଛି। ଏହାପୂର୍ବରୁ ସହରର ରୟତ କଲୋନି, ସାଇପ୍ରିୟାନଗର ଓ ଚେକାଗୁଡ଼ା ଅଞ୍ଚଳରେ ଜଙ୍ଗଲ ଜଳୁଥିଲେ ମଧ ବନ ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଜଙ୍ଗଲ ଜଳି ପାଉଁଶ ହୋଇଯିବା ପରେ ସେଥିରୁ ଅଙ୍ଗାର ସାଉଁଟି ଜନବସତି ଅଞ୍ଚଳକୁ ବିକ୍ରି ପାଇଁ ଆଣୁଥିବା ଲୋକଙ୍କୁ ବନ ବିଭାଗ କର୍ମଚାରୀମାନେ ଧରି ଜରିମାନା ଆଦାୟ କରୁଥିବା ଦେଖିବାକୁ ମିଳୁଛି। କିନ୍ତୁ ଜଙ୍ଗଲ ଜଳିବା ପ୍ରତି ସେମାନଙ୍କର ତିଳେମାତ୍ର ଖାତିର ନ ଥିବା ଆଲୋଚନା ହେଉଛି। ସେହିପରି ଗୁଣପୁର ରେଞ୍ଜ ଅନ୍ତର୍ଗତ କୈଳାସପୁର, ବାଗୁଡ଼ି, ହାତୀଖମ୍ବା, ରାୟଗଡ଼ା ରେଞ୍ଜର ଡଙ୍ଗରଲେକୋପାଇ, ଲେକାପାଇ, ମୁକୁନ୍ଦପୁର ଏବଂ ଟିକିରି ରେଞ୍ଜ ଅନ୍ତର୍ଗତ ଶଙ୍କରଡ଼ା, ଏସ୍.ଡଙ୍ଗାସିଲ, କିଚିଖାଲ


ରାୟଗଡ଼ାଠାରୁ କୋରାପୁଟ ଯାଇଥିବା ୩୨୬ନଂ ଜାତୀୟ ରାଜପଥ କଡ଼ରେ ଥିବା ଗୁମ୍ମା ଜଙ୍ଗଲରେ ନିଆଁ ଲାଗିଛି।

## ନଷ୍ଟ ହେଉଛି ମୂଲ୍ୟବାନ୍ ବୃକ୍ଷଲତା

ଗ୍ରାମ ନିକଟରେ ଥିବା ବହୁ ପୁରୁଣା ଗଛ ନିଆଁରେ ପୋଡ଼ି ନଷ୍ଟ ହୋଇଗଲାଣି। ପ୍ରତିବର୍ଷ ନୂତନ ଚାରାରୋପଣକୁ ଯେତିକି ଗୁରୁତ୍ୱ ଦିଆଯାଉଛି, ବର୍ଷ ବର୍ଷ ଧରି ଲୋକଙ୍କୁ ଜୀବନ ପ୍ରଦାନ କରୁଥିବା ସର୍ବପୁରାତନ ଗଛଗୁଡ଼ିକର ସଂରକ୍ଷଣ ପ୍ରତି ସେତିକି ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ତେବେ ଜଙ୍ଗଲରେ ଲାଗୁଥିବା ନିଆଁ ସମ୍ପର୍କରେ ରାୟଗଡ଼ା ବନଖଣ୍ଡ ଅଧିକାରୀ ସଚିନ୍ ଆନ୍ନା ସହେବ ଓହେଲେଙ୍କୁ ପଚାରିବାରୁ ଖରାଦିନରେ କୌଣସି ସ୍ଥାନରେ ନିଆଁ ଲାଗିଲେ ୪ଘଣ୍ଟା ମଧ୍ୟରେ ଏହାକୁ ଲିଭାଇବା ପାଇଁ ବନ ବିଭାଗ ତରଫରୁ ସ୍କ୍ୱାଡ୍ ମାଧ୍ୟମରେ ନିୟନ୍ତ୍ରଣ କରାଯାଉଛି । ଅତି ଦୁର୍ଗମ ଅଞ୍ଚଳରେ ହେଲେ ୨୦ଘଣ୍ଟା ମଧ୍ୟରେ ବନାଗ୍ନିକୁ ନିୟନ୍ତ୍ରଣ କରାଯାଉଛି । ଅନ୍ୟପଟେ ଯଦି ଲୋକଙ୍କ ଦ୍ୱାରା ଜାଣିଶୁଣି ଜଙ୍ଗଲ ନିଆଁ ଲଗାଯାଉଛି, ତେବେ ଓଡ଼ିଶା ଫରେଷ୍ଟ ଆକ୍ଟ ଅନୁସାରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଆଗାମୀ ଦିନରେ ଜଙ୍ଗଲ ନିଆଁକୁ କିଭଳି ତୁରନ୍ତ ନିୟନ୍ତ୍ରଣ କରାଯିବ ସେ ନେଇ ପଦକ୍ଷେପ ନିଆଯାଉଥିବା ବନଖଣ୍ଡ ଅଧିକାରୀ ସଚିନ୍ କହିଛନ୍ତି ।

# ମା’ କନକଦୁର୍ଗାଙ୍କ ବାସନ୍ତୀ ଦଶହରା ଆରମ୍ଭ

ଗୁଣପୁର, ୯।୪(ପ୍ରଦୀପ କୁମାର ପାଢୀ)



ରାୟଗଡା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ପରିସରରେ ଥିବା ମା’ କନକ ଦୁର୍ଗାଙ୍କ ନବରାତ୍ର ତଥା ବାସନ୍ତୀ ଦଶହରା ପୂଜା ମଙ୍ଗଳବାର ରାତ୍ରରୁ ଆରମ୍ଭ ହୋଇଛି। ଚୈତ୍ର ମାସରେ ୯ ଦିନ ପାଇଁ ମା’ ତାଙ୍କ ମୂଳ ପୀଠକୁ ଯାତ୍ରା କରିଛନ୍ତି। ଏହି ୯ ଦିନର ଆସ୍ଥାନ କାଳରେ ମା’ଙ୍କ ଦର୍ଶନ ଲାଗି ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥାଏ। ଏଥିଲାଗି ମନ୍ଦିର ପକ୍ଷରୁ ସ୍ୱତନ୍ତ୍ର ପୂଜା ରିତିନୀତି ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥ ମନ୍ଦିରରୁ ମା’ଙ୍କୁ ନିଜ ମୂଳସ୍ଥାନକୁ ଅଣାଯିବା ପୂର୍ବରୁ ଅଭିଷେକ ଆଦି ବିଭିନ୍ନ ପୂଜା ପଦ୍ଧତି କରାଯାଇଥିଲା। ଏହାପରେ ମା’ଙ୍କୁ ତାଙ୍କ ଆସ୍ଥାନରେ ବିରାଜମାନ କରାଯାଇଥିଲା। ଶ୍ରୀରାମ ନବମୀ ଦିନ ସକାଳେ ମା’ ତାଙ୍କ ଆସ୍ଥାନ ଛାଡି ପୁଣି ଜଗନ୍ନାଥ ମନ୍ଦିରକୁ ଲେଉଟି ଆସନ୍ତି।

ତେବେ ମାଙ୍କ ପୂଜା ପରଠାରୁ ସହରର ବିଭିନ୍ନ ସ୍ଥାନରେ ଠାକୁରାଣୀ ଯାତ୍ରା ଆରମ୍ଭ ହେବାର ବିଧି ରହିଛି। ଜଗନ୍ନାଥ ମନ୍ଦିର ପରିସରରେ ଥିବା ମା’ଙ୍କ ମୂଳ ପୀଠରେ ବର୍ଷକୁ ୨ ଥର ଅବସ୍ଥାନ କରିଥାନ୍ତି। ଦଶହରା ଅବସରରେ ମା ୧୬ ଦିନ ପାଇଁ ପୂଜା ପାଇଥାନ୍ତି। ଏହାପରେ ଚୈତ୍ର ମାସରେ ପୁଣି ୯ ଦିନ ପାଇଁ ମା’ ତାଙ୍କ ପୀଠକୁ ଯାତ୍ରା କରିଥାନ୍ତି। ଏହି ୨ ଦଶହରା ଅବସରରେ ମା’ କେବଳ ନିଜ ପୀଠରେ ପୂଜାର୍ଚ୍ଚନା ପାଇଥାନ୍ତି । ବର୍ଷର ଅନ୍ୟ ଦିନମାନଙ୍କରେ ମା’ କନକ ଦୁର୍ଗା ଜଗନ୍ନାଥ ମନ୍ଦିରରେ ବିରାଜମାନ ହୋଇଥାନ୍ତି। ବହୁ ପୂର୍ବରୁ ମା’ ତାଙ୍କ ମୂଳ ପୀଠରେ ସବୁଦିନ ପୂଜା ପାଉଥିଲେ। ହେଲେ କେତେକ କାରଣ ବଶତଃ ମା’ଙ୍କ ପୂଜାର୍ଚ୍ଚନାରେ ପରିବର୍ତ୍ତନ ଘଟିବା ସହ ବର୍ଷକୁ ୨ ଥର ତାଙ୍କ ମୂଳ ପୀଠକୁ ଆସି ପୂଜା ପାଉଛନ୍ତି। ରାଜରାଜୁଡା ଅମଳରୁ ମା’ ଏଠାରେ କନକ ଦୁର୍ଗା ରୂପରେ ପୂଜା ପାଇଆସୁଛନ୍ତି। ପୂଜକ ଭାବେ ଗୁପ୍ତେଶ୍ୱର ରଥ ଶର୍ମା କାର୍ଯ୍ୟ ସମ୍ପାଦନ କରୁଥିବାବେଳେ ସୁଦାମ ପଣ୍ଡା ସହଯୋଗ କରୁଛନ୍ତି।

# ମୁନିଗୁଡ଼ାରେ ରାଷ୍ଟ୍ରୀୟ ନବବର୍ଷ


ରାଷ୍ଟ୍ରୀୟ ନବବର୍ଷ ପାଳନ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

ମୁନିଗୁଡ଼ା,୯।୪ (ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ାର ଲକ୍ଷ୍ମୀ ପୂଜା ପଡ଼ିଆରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି । ପ୍ରଭାତ ଶାଖାର ମୁଖ୍ୟ ଶିକ୍ଷକ ସୋମନାଥ ପାଣିଗ୍ରାହୀ ଓ ପ୍ରାର୍ଥନା ପ୍ରମୁଖ ପ୍ରଦୀପ କୁମାର ସାହୁଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ମୁନିଗୁଡ଼ା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାର ମୁଖ୍ୟ ହିସାବ ରକ୍ଷକ ଦିବାକର ବେହେରା ଓ ଜିଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ରାମକୃଷ୍ଣ ପାଣିଗ୍ରାହୀ ଉପସ୍ଥିତ ରହି ଧ୍ୱଜ ରୋପଣ, ଧ୍ୱଜ ପ୍ରଣାମ ପରେ ମା’ଭାରତୀ, ପରମ ପୂଜନୀୟ ଡକ୍ଟରଜୀ, ଶ୍ରୀଗୁରୁଜୀଙ୍କ ତୈଳଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ଆର୍‌ଏସ୍‌ଏସ୍ ଓ ରାଷ୍ଟ୍ରୀୟ ନବବର୍ଷ ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଂଘ କାର୍ଯ୍ୟକର୍ତ୍ତା ଲାଲା ଅରୁନ ରାୟ, ଭଗବାନ ବିଶ୍ୱାଳ, ମନୋରଞ୍ଜନ ଦଳାଇ, ବୀରଭଦ୍ର ଅଚାରୀ, ଲକ୍ଷ୍ମୀକାନ୍ତ ବେହେରା, ସୁବ୍ରତ ପାତ୍ର, ସୁଶାନ୍ତ କୁମାର ପଣ୍ଡା,ଶୁଭମ ପଟ୍ଟନାୟକ, ଅଶିନୀ ବାରିକଙ୍କ ସହ ଅନେକ ବୁଦ୍ଧିଜୀବୀ, ଛାତ୍ର, ବିବିଧକ୍ଷେତ୍ର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶାରଦା ମଣ୍ଡପ ପରିସରରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ବେଉଦଲେଇ ଓ ବରିଷ୍ଠ ଗୁରୁଜୀ ଗିରିଜା ପ୍ରସାଦ ମିଶ୍ରଙ୍କ ମିଳିତ ସଂଯୋଜନାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କଟକ ନଗର ଶାଖାର ମୁଖ୍ୟ ଶିକ୍ଷକ ଲାଲା ଅରୁଣ କୁମାର ରାୟ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ପାଳନ ଓ ଏହାର ମହତ୍ତ୍ୱ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ ।

# ଗୁଣପୁରର ବିଭିନ୍ନ ସ୍ଥାନରେ ହିନ୍ଦୁ ନବବର୍ଷ

ଗୁଣପୁର,୯।୪
(ପ୍ରଦୀପ କୁମାର ପାଢୀ)

ରାୟଗଡା ଜିଲା ଗୁଣପୁରର ବିଭିନ୍ନ ସ୍ଥାନରେ ହିନ୍ଦୁ ତଥା ରାଷ୍ଟ୍ରୀୟ ନବବର୍ଷ ମଙ୍ଗଳବାର ଧୁମଧାମର ସହ ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଆରଏସ୍ଏସ୍ ପକ୍ଷରୁ ନବବର୍ଷ ପାଳିତ ହୋଇଥିଲା। ଏଥିରେ ସଂଘର ଜିଲା କାର୍ଯ୍ୟବାହୀ ଦିଲୀପ ପଣ୍ଡା ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଭାପତି ବି.ଗଜପତି ରାଓ ଅତିଥି ଭାବେ ଯୋଗଦେଇ ହିନ୍ଦୁ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଖଣ୍ଡ ସଂଘ ଚାଳକ କୁଞ୍ଜ ବିହାରୀ, କଂସ ବେହେରା ଏବଂ ସମସ୍ତ ସ୍ୱୟଂ ସେବକମାନେ ଉପସ୍ଥିତ ଥିଲେ। ସେହିପରି ଆଦିତ୍ୟବାହିନୀ, ହିନ୍ଦୁ ରାଷ୍ଟ୍ର ସଂଘ, ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ନବ ବର୍ଷ ପାଳନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଗୁଣପୁର କଲେଜ ନିକଟରୁ ସଙ୍କୀର୍ତ୍ତନ ମଣ୍ଡଳୀର ଶୋଭାଯାତ୍ରା ସହର ପରିକ୍ରମା କରି ଜଗନ୍ନାଥ ମନ୍ଦିରଠାରେ ପହଞ୍ଚି ଥିଲା। ସେହିଭଳି ସନ୍ଧ୍ୟାରେ ତେଲୁଗୁ ସମ୍ପ୍ରଦାୟର କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ କନ୍ୟକା ପରମେଶ୍ୱରୀ ମନ୍ଦିରଠାରେ ଉଗାଦୀ ଉତ୍ସବ ପାଳନ ପାଇଁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୩୦ ମହିଳାଙ୍କ ଦ୍ୱାରା ଦାଣ୍ଡିଆ ନୃତ୍ୟ ପରିବେଷଣ କରାଯାଇଥିଲା।



ଉଗାଦି ଉତ୍ସବ ପାଳନ ଅବସରରେ ଗୁଣପୁର କନ୍ୟକା ପରମେଶ୍ୱରୀ ମନ୍ଦିରଠାରେ ମହିଳାଙ୍କ ଦ୍ୱାରା ଦାଣ୍ଡିଆ ନୃତ୍ୟ ପରିବେଷଣ କରାଯାଉଛି।

# ଟିକିରି ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବ

ଟିକିରି,୯।୪ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ କର୍ମଚାରୀ ଅଭାବରୁ ରାତି ସମୟରେ ରୋଗୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଆୟୁଷ ଡାକ୍ତର ଓ ଜଣେ ଡାକ୍ତର ନିଯୁକ୍ତି ପାଇଥିବାରୁ ସେମାନେ ଦିନବେଳା ରୋଗୀସେବା କରୁଛନ୍ତି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟକର୍ମୀ କମ୍ ଥିବା ଯୋଗୁ ଦିନ ଡ୍ୟୁଟି କରି ଚାଲିଯାଉଥିବା ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅଜିତ କୁମାର ମାଝି କହିଛନ୍ତି। ବଜାରଠାରୁ ଦୂରରେ ମେଡିକାଲ ଥିବାରୁ ରାତ୍ରି ସମୟରେ ଡାକ୍ତର ଓ ନର୍ସ ଯିବାଆସିବା କରିବାରେ ଅସୁବିଧା ହେଉଥିବାରୁ ସେ କହିଛନ୍ତି। ଯଦି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ପାଇଁ କ୍ୱାର୍ଟର ସୁବିଧା




## ରାତିରେ ସ୍ୱାସ୍ଥ୍ୟସେବାରୁ ରୋଗୀ ବଞ୍ଚିତ

ହୁଅନ୍ତା, ତେବେ ରାତିରେ ମଧ ଡାକ୍ତର ଓ କର୍ମଚାରୀ ରୋଗୀସେବା କରିପାରନ୍ତେ ବୋଲି ଡାକ୍ତର ମାଝି କହିଛନ୍ତି।

ପୂର୍ବରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଟିକିରି ମୁଖ୍ୟ ବଜାର ମଝିରେ ରହିଥିଲା। ଏବେ ଟିକିରି ବଜାରଠାରୁ ପ୍ରାୟ ୧ କିଲୋମିଟର ଦୂରରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିଛି। ସ୍ୱାସ୍ଥ୍ୟକେନ୍ଦ୍ର ନିଛାଟିଆ ସ୍ଥାନରେ ଥିବାରୁ ରାତ୍ରି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ମୁଖରେ ମଦ୍ୟପଙ୍କ ଆଡ୍ଡା ଜମୁଥିବା ଦେଖିବାକୁ ମିଳୁଛି। ସେହିପରି ସ୍ୱାସ୍ଥକେନ୍ଦ୍ରରୁ ଦୁଇ ଦୁଇ ଥର ପାଣି ମୋଟର ମଧ ଚୋରି ହେଲାଣି । ରାତ୍ରି ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ଆସିବା କରିବାକୁ ରୋଗୀ ଭୟ କରୁଥିବା କହିଛନ୍ତି।

# ମାଥାଲପୁଟ ହତ୍ୟା ମାମଲାରେ ୪ କୋର୍ଟ ଚାଲାଣ

ଦାମନଯୋଡ଼ି,୯।୪ (ମାନସ ରଞ୍ଜନ କର)

ସାମାନ୍ୟ କୁକୁଡ଼ା ଛୁଆ ଘରେ ପଶିଯିବାକୁ କେନ୍ଦ୍ରକରି ଗତ ଶନିବାର କୋରାପୁଟ ଜିଲା ଦାମନଯୋଡ଼ି ଥାନା ଅନ୍ତର୍ଗତ ମାଥାଲପୁଟ ହାଟପଦା ଅଞ୍ଚଳରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ସଞ୍ଜୀବ ଗୌଡଙ୍କ ଆକ୍ରମଣରେ ରବି ପାତ୍ର (୬୫) ଓ ତାଙ୍କ ପୁଅ ମନୋଜ ଗୁରୁତର ହୋଇଥିଲେ। ଉଭୟଙ୍କୁ ପ୍ରଥମେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରବିଙ୍କର ମୃତ୍ୟୁ ଘଟିଥିଲା। ମନୋଜ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଦାମନଯୋଡ଼ି ଥାନା ଏସ୍ଆଇ ସୁପ୍ରିୟା ପଟ୍ଟନାୟକ ୫୧/୨୪ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲେ। ସଞ୍ଜୀବଙ୍କ ସହ ଏଥିରେ ସମ୍ପୃକ୍ତ ତାଙ୍କ ସ୍ତ୍ରୀ ସୁନାଇ ଗୌଡ ଏବଂ ୨ ଝିଅ ସୁମନ ଓ ସୋନାଲୀଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀ କହିଛନ୍ତି।

# ସିଲିଣ୍ଡରରୁ ନିଆଁ ଲାଗି ଅଗ୍ନିକାଣ୍ଡ

କୋରାପୁଟ,୯।୪(ଅମିତାଭ ବେହେରା)

କୋରାପୁଟ ସହରର ପଣ୍ଡା କଲୋନୀରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଘରେ ସିଲିଣ୍ଡରରୁ ନିଆଁ ଲାଗି ବହୁ ରୋଷୟୀ ଆସବାବପତ୍ର ପୋଡ଼ିଯାଇଛି । ମଧ୍ୟାହ୍ନରେ ସହରର ପଣ୍ଡା କୋଲନୀରେ ରହୁଥିବା ଗୁପ୍ତେଶ୍ୱର ସାହୁଙ୍କ ଘରେ ଗ୍ୟାସ ଚୁଲାରେ ରୋଷେୟୀ ଚାଲିଥିବାବେଳେ ହଠାତ ଗ୍ୟାସ ପାଇପ୍‌ରେ ନିଆଁ ଲାଗିଯାଇଥିଲା। ଫଳରେ ନିକଟରେ ଥିବା ଇନଭରଟର ବ୍ୟାଟେରି ଏବଂ ବହୁ ରୋଷେୟୀ ସାମଗ୍ରୀ ପୋଡିଯାଇଥିବା ଜଣାପଡିଛି।

# ଫେରାର ଅଭିଯୁକ୍ତ ୪ବର୍ଷ ପରେ ଗିରଫ

ମୋହନା,୯।୪(ମନ୍ମଥ ମିଶ୍ର):

ଥାନା ହାଜତରୁ ଚମ୍ପଟ ମାରିଥିବା ଫେରାର ଅଭିଯୁକ୍ତଙ୍କୁ ୪ ବର୍ଷ ପରେ ମୋହନା ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ଆର.ଉଦୟଗିରି ଥାନା ଏନ୍ ଝାଲର ସିଂ ଗାଁର ସନାତନ କରାଡ (୩୩)। ଗତ ୨୦୨୦ ମସିହାରେ ଗଞ୍ଜେଇ ଚାଲାଣ ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମୁଖ୍ୟ ଅଭିଯୁକ୍ତ ସନାତନ ଥାନା ହାଜତରୁ ବିଳମ୍ବିତ ରାତିରେ ପାଚେରୀ ଡେଇଁ ଚମ୍ପଟ ମାରିଥିଲା। ଘଟଣାରେ ଦୁଇ କନଷ୍ଟେବଲ ଓ ଦୁଇ ଗୃହରକ୍ଷୀଙ୍କୁ ନିଲମ୍ବନ କରିଥିଲେ ଗଜପତି ଏସପି। ଘଟଣାର ୪ ବର୍ଷ ପରେ ମଙ୍ଗଳବାର ଅଭିଯୁକ୍ତ ସନାତନଙ୍କୁ ଅଡବା ଥାନା ବାଟିପଙ୍କା ଗାଁରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ଭାଇଚାରାର ପର୍ବ ଉଗାଦି

ମୁନିଗୁଡା,୯।୪ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡାର ମୁନିଖୋଲସ୍ଥିତ ବାସବୀ କନିକା ପରମେଶ୍ୱରୀ ମନ୍ଦିର ପରିସରରେ ତେଲୁଗୁ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ଉଗାଦି ପର୍ବ ପାଳିତ ହୋଇଯାଇଛି। କଳିଙ୍ଗ ବୈଶ୍ୟ ସଂଘ ଓ ଯୁବକ ସଙ୍ଘ ପକ୍ଷରୁ ଅନୁଷ୍ଠିତ ପର୍ବରେ ପ୍ରଥମେ ପୁରୋହିତ ଜଗବନ୍ଧୁ ପଣ୍ଡା, ଅଶୋକ ରଥ ଓ ସଦାନନ୍ଦ ମହାପାତ୍ରଙ୍କ ପୌରୋହିତ୍ୟରେ ରିତିନୀତି ଅନୁଯାୟୀ ମା’ଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ନୂତନ ପଞ୍ଜିକା ପୂଜାର୍ଚ୍ଚନା କରିବା ପରେ ସଂଘର ବରିଷ୍ଠ ସଦସ୍ୟ ଭି.ଚନ୍ଦ୍ରଶେଖର ରାଓ ପଞ୍ଜିକା ପଠନ କରିଥିଲେ। ପରେ ସଂଘର ସଭାପତି କେ.ସତ୍ୟନାରାୟଣ ରାଓ ଓ ଯୁବକ ସଂଘର ସଭାପତି ଟି.ଅଶୋକ କୁମାରଙ୍କ ମିଳିତ ସଂଯୋଜନାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଅତିଥି ଭାବେ ଆଇନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାସ, ସାମାଜିକ କର୍ମୀ ରତନ ଲାଲ ଜୈନ, ବୃନ୍ଦାବନ ପାଢ଼ୀ, ରମେଶ ପାଣି, ସୀମାଞ୍ଚଳ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥିଙ୍କୁ ସଂଘ ତରଫରୁ ସ୍ୱାଗତ କରାଯିବା ପରେ ଅତିଥିମାନେ ସଂଘର ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ଏହି ଉଗାଦି ପର୍ବ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଶେଷରେ ସଂଘ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ମନୋରଞ୍ଜନ ନିମନ୍ତେ ଏକ ମେଲୋଡିର ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ କଳିଙ୍ଗ ବୈଶ୍ୟ ସଂଘର ସମ୍ପାଦକ ପି.ରାମବାବୁ, କୋଷାଧ୍ୟକ୍ଷ ଲାଡି ସୀମାଞ୍ଚଳ, କଳିଙ୍ଗ ବୈଶ୍ୟ ଯୁବକ ସଂଘର ଉପ ସଭାପତି ଜି.ଚୈତନ୍ୟ, ସମ୍ପାଦକ ଜି.କ୍ରାନ୍ତ, କୋଷାଧ୍ୟକ୍ଷ ଜି.ଶ୍ରୀନାଥ, କେ. ଶ୍ରୀନିବାସ, ସନ୍ତୋଷ କୁମାର, ୱାଇ.ବୈକୁଣ୍ଠ ରାଓ, ଜେ.ଭେଙ୍କେଟ ରାବଣା, ଜି.ଓମକାର, ସୋମେଶ୍ୱର ରାଓ, ନରେଶ କୁମାର, ରାଜେଶ କୁମାର, ଚାଣ୍ଡି ପ୍ରମୁଖଙ୍କ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ଅନ୍ୟ ଅତିଥିଙ୍କୁ ସ୍ୱାଗତ କରାଯାଉଛି।

# ଉଗାଦିରେ ରାୟଗଡ଼ା ଉତ୍ସବମୁଖର

ରାୟଗଡ଼ା,୯।୪(ଆଶିଷ ରଞ୍ଜନ ପଣ୍ଡା)

ତେଲୁଗୁ ନବବର୍ଷ ଉଗାଦି ଉତ୍ସବ ପାଇଁ ରାୟଗଡ଼ା ସହର ଉତ୍ସବମୁଖର ହୋଇଉଠିଛି । ରାୟଗଡ଼ା ଉଗାଦି ଉତ୍ସବ କମିଟି ପକ୍ଷରୁ ସ୍ଥାନୀୟ ତେଜସ୍ୱୀ ପଡ଼ିଆଠାରେ ମହାସମାରୋହରେ ୨ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପୂର୍ବତନ ରାଜ୍ୟ ସଭା ସଦସ୍ୟ ତଥା ଉଗାଦି କମିଟି ସଭାପତି ଏନ୍.ଭାସ୍କର ରାଓ ଏବଂ ଆବାହକ ରାଇସିଂ ବିଡ଼ିକାଙ୍କ ନେତୃତ୍ୱରେ ଜିଲାର ତେଲୁଗୁ ସମ୍ପ୍ରଦାୟ ଲୋକେ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି । ମଙ୍ଗଳବାର ସକାଳେ ପଞ୍ଚାଙ୍ଗ ଶ୍ରବଣମ୍, କବିତା ଗୋଷ୍ଠୀ, ଉଗାଦି ପାଇଁ ସ୍ୱତନ୍ତ୍ର ଆମ୍ବ ଆଚାର ବଣ୍ଟନ କରାଯାଇଛି । ଏହାପରେ ଅପରାହ୍ନରେ ଜଗନ୍ନାଥ ମନ୍ଦିରରୁ ତେଜସ୍ୱୀ ପଡ଼ିଆ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ କଳାକାର ତଥା ବାହାରୁ ଆସିଥିବା ବିଭିନ୍ନ କଳାକାର ଓ ଗୀତିକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉଗାଦି ଉତ୍ସବ ପାଳନ ଅବସରରେ ସହରରେ ଓଡ଼ିଆ ଓ ତେଲୁଗୁ ସମ୍ପ୍ରଦାୟର ଭାଇଚାରା ଦେଖିବାକୁ ମିଳିଥିଲା। ରାୟଗଡ଼ା ସହରବାସୀ ଉଲ୍ଲାସର ସହ ଏହି ଉତ୍ସବକୁ ଉପଭୋଗ କରୁଛନ୍ତି ।


ଉଗାଦି କାର୍ଯ୍ୟକ୍ରମରେ ଏନ୍. ଭାସ୍କର ରାଓଙ୍କ ସମେତ ଅନ୍ୟ ଅତିଥିମାନେ।


କଳାକାରଙ୍କ ଦ୍ୱାରା ଗଣେଶ ବନ୍ଦନା ଓ ନୃତ୍ୟ ପରିବେଷଣ।

## ସଂକ୍ଷେପରେ

### ମାଥାଲପୁଟ ହତ୍ୟା ମାମଲାରେ ୪ କୋର୍ଟ ଚାଲାଣ

ଦାମନଯୋଡ଼ି,୯।୪ (ମାନସ ରଞ୍ଜନ କର)

ସାମାନ୍ୟ କୁକୁଡ଼ା ଛୁଆ ଘରେ ପଶିଯିବାକୁ କେନ୍ଦ୍ରକରି ଗତ ଶନିବାର କୋରାପୁଟ ଜିଲା ଦାମନଯୋଡ଼ି ଥାନା ଅନ୍ତର୍ଗତ ମାଥାଲପୁଟ ହାଟପଦା ଅଞ୍ଚଳରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ସଞ୍ଜୀବ ଗୌଡଙ୍କ ଆକ୍ରମଣରେ ରବି ପାତ୍ର (୬୫) ଓ ତାଙ୍କ ପୁଅ ମନୋଜ ଗୁରୁତର ହୋଇଥିଲେ। ଉଭୟଙ୍କୁ ପ୍ରଥମେ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ରବିଙ୍କର ମୃତ୍ୟୁ ଘଟିଥିଲା। ମନୋଜ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଦାମନଯୋଡ଼ି ଥାନା ଏସ୍ଆଇ ସୁପ୍ରିୟା ପଟ୍ଟନାୟକ ୫୧/୨୪ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲେ। ସଞ୍ଜୀବଙ୍କ ସହ ଏଥିରେ ସମ୍ପୃକ୍ତ ତାଙ୍କ ସ୍ତ୍ରୀ ସୁନାଇ ଗୌଡ ଏବଂ ୨ ଝିଅ ସୁମନ ଓ ସୋନାଲୀଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ସୁନାବେଡ଼ା ଏସ୍‌ଡିପିଓ ମନୋବ୍ରତା ଶତପଥୀ କହିଛନ୍ତି।

### ବୟସ ୬୭ ହେଲାଣି, ଡମୁଣିଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

ନନ୍ଦପୁର, ୯।୪ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଥିବା ପଞ୍ଚାୟତ ସଦର ମହକୁମାରେ ରହନ୍ତି ଡମୁଣି ଖରା। ବୟସ ତାଙ୍କର ୬୭ ହେଲାଣି ଅଥଚ ଏଯାଏ ଡମୁଣିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିନି। ୱାର୍ଡସଭ୍ୟଙ୍କ ଜରିଆରେ ସେ ପଞ୍ଚାୟତ କାର୍ଯ୍ୟାଳୟରେ ଅନେକଥର ନିଜର ଆଧାର, ରାଶନ୍, ଭୋଟ ପରିଚୟପତ୍ର ଦେଇ ଭତ୍ତା ପ୍ରଦାନ କରିବାକୁ ଅନୁରୋଧ କରଥିଲେ ମଧ୍ୟ କିଛି ସୁଫଳ ମିଳିନି ଡମୁଣିଙ୍କୁ। ସାମାଜିକ ସୁରକ୍ଷା ବିଭାଗ ଏଭଳି ଅସହାୟ ବୃଦ୍ଧାବୃଦ୍ଧ, ବିଧବା, ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ସହାୟତା ପ୍ରଦାନ କରିବାକୁ ଥିଲେ ମଧ୍ୟ ବିଭାଗ ହିତାଧିକାରୀ ଚୟନ କରିବାରେ ଅବହେଳା କରୁଥିବା ଅଭିଯୋଗ ହେଉଛି।ଏନେଇ ନନ୍ଦପୁର ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା



ଅଧିକାରୀ ଅର୍ଜୁନ ମାଝୀଙ୍କୁ ପଚାରିବାରୁ ଡମୁଣିଙ୍କୁ ଭତ୍ତା ପ୍ରଦାନ କରାଯିବା ବ୍ୟବସ୍ଥା କରାଯିବ ବୋଲି କହିଥିଲେ।

# ପୁଣି ତେଜିଲା କଂଗ୍ରେସର ପ୍ରାର୍ଥୀ ହଟାଅ ଆନ୍ଦୋଳନ

**ନିଷ୍ପତ୍ତି ପରିବର୍ତ୍ତନ ନ କଲେ ସବୁ କମିଟିରୁ ଇସ୍ତଫା ଦେବୁ**

ସେମିଳିଗୁଡ଼ା/ସୁନାବେଡ଼ା, ୯।୪ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀରେ କଂଗ୍ରେସର ପ୍ରାର୍ଥିତ୍ୱକୁ ନେଇ ପୁଣି ପ୍ରତିବାଦର ସ୍ୱର ତେଜିଛି। ମଙ୍ଗଳବାର ସେମିଳିଗୁଡ଼ା ବ୍ଲକ୍‌ର ସୁବାଇ ହାଟପଦାଠାରେ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀର ଯୁବକଂଗ୍ରେସ ପକ୍ଷରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଯୁବ କଂଗ୍ରେସର ପଦାଧିକାରୀଙ୍କ ସହ ବହୁ ସଂଖ୍ୟାରେ କର୍ମୀ ଯୋଗଦେଇ ପ୍ରତିବାଦ କରିଥିଲେ। ସେମାନଙ୍କ କହିବା କଥା, କଂଗ୍ରେସ ଦଳକୁ କ'ଣ ରାମଚନ୍ଦ୍ର କାଡାମଙ୍କ ଛଡ଼ା ଆଉ କେହି ଉପଯୁକ୍ତ ପ୍ରାର୍ଥୀ ମିଳୁନାହାନ୍ତି। ବିଗତ ବର୍ଷରେ ୪ ଥର ପ୍ରାର୍ଥୀ ହୋଇ ପରାଜିତ ହୋଇଥିବା ରାମଚନ୍ଦ୍ର କଂଗ୍ରେସ ଦଳକୁ ନିମ୍ନଗାମୀ କରିଛନ୍ତି। ସେଥିପାଇଁ ତାଙ୍କୁ ଶୀଘ୍ର ବିଧାୟକ ପ୍ରାର୍ଥୀରୁ ହଟାଯାଉ ଓ ତାଙ୍କ ବଦଳରେ ଅନ୍ୟ ଉପଯୁକ୍ତ ପ୍ରାର୍ଥୀଙ୍କୁ ଟିକେଟ ପ୍ରଦାନ କରାଯାଉ ବୋଲି କର୍ମକର୍ତ୍ତା ଓ କର୍ମୀମାନେ ଦାବି କରିଥିଲେ। ଯଦି ଏହାର ପୁନର୍ବିଚାର କରି ଆସନ୍ତା ୭ ଦିନ ମଧ୍ୟରେ ପ୍ରାର୍ଥୀ



କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ରାମଚନ୍ଦ୍ରଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରୁଛନ୍ତି।

ପରିବର୍ତ୍ତନ କରା ନ ଯାଏ ତେବେ ପିଆର୍ଆଇ ସଦସ୍ୟଙ୍କ ସମେତ ସମସ୍ତ ଯୁବ, ଛାତ୍ର ଓ ମହିଳା କଂଗ୍ରେସ କମିଟିର ସଦସ୍ୟମାନେ ସମୂହ ଇସ୍ତଫା ଦେବାକୁ ଜିଲା କଂଗ୍ରେସ କମିଟି ମାଧ୍ୟମରେ ପିସିସିକୁ ଚେତାବନୀ ଦେଇଛନ୍ତି। ଏହି ସମାବେଶରେ ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀର ସେମିଳିଗୁଡ଼ା, ପଟ୍ଟାଙ୍ଗି ଓ ନନ୍ଦପୁର ବ୍ଲକ ଅଞ୍ଚଳର ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ହାତରେ ପ୍ରାର୍ଥୀ ପରିବର୍ତ୍ତନ ପ୍ଲାକାର୍ଡ ଧରି ରାମଚନ୍ଦ୍ର ହଟାଅ କଂଗ୍ରେସ ବଞ୍ଚାଅ ନାରା ଦେଇଥିଲେ। ସମାବେଶରେ ସେମିଳିଗୁଡ଼ା ବ୍ଲକ୍ ଜୋନ୍-୨ ଜିଲା ପରିଷଦ ସଭ୍ୟ ମୋହନ ଜାନି, ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ ଯୁବକଂଗ୍ରେସ ସଭାପତି ଜଗଦ୍ଦିଶ ବାଘ, ସେମିଳିଗୁଡ଼ା ଜୋନ୍-୧ ଜିଲା ପରିଷଦ ସଭ୍ୟ ଯଶୋଦା ଖିଲ, ନନ୍ଦପୁର ବ୍ଲକ୍ ଏମ୍‌ପି ପ୍ରତିନିଧି ଗୋପାଳ ମାଟାମ, ନନ୍ଦପୁର ବ୍ଲକ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ, ନନ୍ଦପୁର ବ୍ଲକ ଯୁବ ସଭାପତି କ୍ଷୀରୋଦ ରାଉତ,ପଞ୍ଚାୟତ ସଭାପତି ଡମ୍ବୁରୁ ଦୋରା, ନନ୍ଦପୁର ସମିତିସଭ୍ୟା ବିନୋଦିନୀ ସମାରେଡ୍ଡି, ହିକିକପୁଟ ସମିତିସଭ୍ୟ ପ୍ରମିଳା ଶିଶା, ପଟ୍ଟାଙ୍ଗି ନିର୍ବାଚନମଣ୍ଡଳୀ ଛାତ୍ର ସଭାପତି ଡମ୍ବୁରୁ ଗୁଣ୍ଡା, ନନ୍ଦପୁର ବ୍ଲକ କୋର୍ଡିନେଟର ରବୀନ୍ଦ୍ର ସମାରେଡ୍ଡି, ଗୋଲୁର ସମିତିସଭ୍ୟା ଲକ୍ଷ୍ମୀ ମାଟାମ,ବଡ଼ପଡ଼ା ସରପଞ୍ଚ ସୁବର୍ଣ୍ଣ ପୂଜାରୀ ପରଜାଙ୍କ ସମେତ ୩ ବ୍ଲକର ବିଭିନ୍ନ ପଞ୍ଚାୟତର ସରପଞ୍ଚ,ସମିତିସଭ୍ୟ ଏବଂ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏ ସମ୍ପର୍କରେ କଂଗ୍ରେସର କୋରାପୁଟ ଜିଲା ସଭାପତି ଶଶିଭୂଷଣ ପାତ୍ର ଏବଂ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ପଚାରିବାରୁ ସେମାନେ କୋରାପୁଟ ଏମ୍‌ପିଙ୍କ ଅଧୀନରେ ଅଛନ୍ତି। ସେ ଯାହା ନିଷ୍ପତ୍ତି ନେବେ ତାକୁ ମାନିବେ ବୋଲି ଉଭୟେ କହିଥିଲେ। ସୂଚନାଯୋଗ୍ୟ, ଗତ ଶନିବାର ସେମିଳିଗୁଡ଼ାରେ ରାମଚନ୍ଦ୍ରଙ୍କ ପ୍ରାର୍ଥିତ୍ୱକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଥିଲା।

## କୁମର ଜାନି ସିପିଆଇର ଲକ୍ଷ୍ମୀପୁର ବିଧାନସଭା ପ୍ରାର୍ଥୀ

ଜୟପୁର,୯।୪(ପବନ ପାଣିଗ୍ରାହୀ)

ସିପିଆଇ କୋରାପୁଟ ଜିଲା କାର୍ଯ୍ୟକାରୀ କମିଟି ବୈଠକରେ ମଙ୍ଗଳବାର କୋରାପୁଟ ଜିଲାର ଲକ୍ଷ୍ମୀପୁର ବିଧାନସଭା ଆସନ ପାଇଁ ଜିଲା ସହ ସମ୍ପାଦକ କୁମର ଜାନିଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ଜୟପୁର ଯାଦବ ଭବନଠାରେ ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ପ୍ରମୋଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ସଦସ୍ୟମାନେ କୁମରଙ୍କ ନାମ ପ୍ରସ୍ତାବ କରିଥିଲେ। ତାହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଜାନିଙ୍କ ଶିକ୍ଷାଗତ ପ୍ରମାଣପତ୍ର ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନର ପ୍ରମାଣପତ୍ର ସବୁ ରାଜ୍ୟ ଦପ୍ତରକୁ ପଠାଯାଇଛି। ଦଳର ଦଶମନ୍ତପୁର, ଲକ୍ଷ୍ମୀପୁର, ବନ୍ଧୁଗାଁ, ନାରାୟଣପାଟଣାରେ ସଙ୍ଗଠନ ରହିଛି। ବିଭିନ୍ନ ଗଣ ସଙ୍ଗଠନର ସଭ୍ୟମାନଙ୍କୁ ନେଇ ସିପିଆଇ ନିର୍ବାଚନ ଲଢ଼ିବ ବୋଲି ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ କହିଛନ୍ତି। ବୈଠକରେ ନିତ୍ୟାନନ୍ଦ ପାତ୍ର, ବୁଦ୍ରା ବଡ଼ନାୟକ, ସନ୍ୟାସୀ ଖିଲ, ନନ୍ଦ ହରିଜନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




ସିପିଆଇର ବସିଥିବା ବୈଠକ।

## ଦେବେନ୍ଦ୍ର ନନ୍ଦପୁର ବ୍ଲକ କଂଗ୍ରେସ ସଭାପତି

ନନ୍ଦପୁର ୯।୪(ଶଙ୍କର ପୂଜାରୀ)

ନିର୍ବାଚନକୁ ଦୃଷ୍ଟିରେ ରଖି କଂଗ୍ରେସ ଜିଲା ଓ ବ୍ଲକ ଅଞ୍ଚଳରେ ସାଙ୍ଗଠନିକ ସ୍ଥିତି ସୁଦୃଢ଼ କରିବାକୁ ଯାଇ ପରିବର୍ତ୍ତନ କରୁଛି। ଏହି ପରିପ୍ରେକ୍ଷୀରେ ନନ୍ଦପୁର ବ୍ଲକର ନୂତନ କଂଗ୍ରେସ ସଭାପତି ଭାବେ ବିଲାପୁଟ ପଞ୍ଚାୟତ ଜୋଲାପୁଟ ଗ୍ରାମର ଦେବେନ୍ଦ୍ର ଖେମୁଣ୍ଡୁଙ୍କୁ ମନୋନୀତ କରାଯାଇଛି। ଦେବେନ୍ଦ୍ର କଂଗ୍ରେସ କର୍ମୀ, ଏମ୍‌ପି ସପ୍ତଗିରି ଉଲାକା, ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର କାଡାମ, ଗୋପାଳ ମାଟାମ, ପୂର୍ବତନ ବ୍ଲକ ସଭାପତି କାମେସ କାମୁଡଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଆର୍‌ଏସ୍‌ଏସ୍ ପକ୍ଷରୁ ହିନ୍ଦୁ ନବବର୍ଷ ପାଳନ

ଜୟପୁର,୯।୪(ପବନ ପାଣିଗ୍ରାହୀ)

ଜୟପୁର ସହରର ସୂର୍ଯ୍ୟ ମହଲଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) ପକ୍ଷରୁ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ନଗର ସଂଘ ଚାଳକ ପ୍ରଦୀପ ନାୟକ, ମୁଖ୍ୟବକ୍ତା ରୂପେ ମନୋରଞ୍ଜନ ପ୍ରଧାନ ଓ ସମ୍ମାନିତ ଅତିଥି ରୂପେ ଡ. ନିରଞ୍ଜନ ମିଶ୍ର ଯୋଗଦେଇଥିଲେ। ଭାରତର ସନାତନ ଧର୍ମର ନୀତିନିୟମକୁ କିପରି ପାଳନ କରିବା, ଲୋକେ ଜାନୁଆରୀ ମାସର ପ୍ରଥମ ଦିନକୁ ନୂତନ ବର୍ଷ ଭାବେ ରାତି ଅନିଦ୍ରା ରହି ନାଚଗୀତରେ ପାଳନ କରନ୍ତି। ମାତ୍ର ଏହା ଆମ ଧର୍ମର ନବବର୍ଷ ନୁହେଁ। ଚୈତ୍ର ଶୁକ୍ଳ ପକ୍ଷ ପ୍ରତିପଦା ହିଁ ହିନ୍ଦୁ ଧର୍ମରେ ନବବର୍ଷ ବୋଲି ଅତିଥିମାନେ ପ୍ରକାଶକରି ଆଜିର ଦିନଟିକୁ ସବୁବେଳେ ନବବର୍ଷ ରୂପେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସଂଘର କାର୍ଯ୍ୟକର୍ତ୍ତା ମୁକୁନ୍ଦ ଭାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶପଥ ନେଲେ କୋଟପାଡ଼ ଓକିଲ ସଂଘ କର୍ମକର୍ତ୍ତା

ଚାନ୍ଦିଲି,୯।୪ (ମୁକ୍ତେଶ୍ୱର ନାୟକ)

କୋଟପାଡ଼ ଓକିଲ ସଂଘ ନିର୍ବାଚନ ସରିବା ପରେ ମଙ୍ଗଳବାର ନିର୍ବାଚିତ କର୍ମକର୍ତ୍ତା ଶପଥ ଗ୍ରହଣ କରିଛନ୍ତି। ଏନେଇ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ରନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ସଭାପତି ପଙ୍କଜ ପାତ୍ର, ଉପସଭାପତି ପ୍ରଦୀପ ବକ୍ସି, ସମ୍ପାଦକ ଶଙ୍କର ପ୍ରସାଦ ପଣ୍ଡା, ଯୁଗ୍ମ ସମ୍ପାଦକ ବାବୁଲି ନାୟକ, ସହ ସମ୍ପାଦକ ଗୁପ୍ତ ପ୍ରସାଦ ବେହେରା, ଲାଇବ୍ରେରୀ ସମ୍ପାଦକ ଲିଙ୍ଗରାଜ ନାୟକ, ସହ ଲାଇବ୍ରେରୀ ସମ୍ପାଦକ ଖଗପତି ପାତ୍ର, କୋଷାଧ୍ୟକ୍ଷ ଦୁର୍ଗା ପ୍ରସନ୍ନ ସାହୁ ଏବଂ କାର୍ଯ୍ୟକାରିଣୀ ସଭ୍ୟ ବରିଷ୍ଠ ଆଇନଜୀବୀ କାମାକ୍ଷୀ ପ୍ରସାଦ ପାଢ଼ୀ, କିଶୋର ଚନ୍ଦ୍ର ମିଶ୍ର, ପ୍ରଦୀପ୍ତ ବକ୍ସି, ବାଳକୃଷ୍ଣ ବିଶୋୟୀ ଓ ବଦ୍ୟୁତ୍‌ଲତା ମୁଦୁଲି ପଦ ଓ ଗୋପନିୟତାର ଶପଥ ଗ୍ରହଣ କରିଥିଲେ। ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ସଭାପତି ମଣି ପ୍ରସାଦ ପଟ୍ଟନାୟକ ନୂତନ କର୍ମକର୍ତ୍ତାଙ୍ମାନଙ୍କୁ ଶୁଭେଚ୍ଛା ଜଣେଇବା ସହ ସଂଘର ଉନ୍ନତି ନିମନ୍ତେ ଦିଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ସମ୍ପାଦକ ଗୁପ୍ତ କୈଳାସ ମହାନ୍ତି, ଘନଶ୍ୟାମ ବିଶୋୟୀ,ଶଙ୍କର ପଟ୍ଟନାୟକ, ହରିଶ ପଟ୍ଟନାୟକ, ଚନ୍ଦ୍ର ରାଓ, ଉମେଶ ଦେବାନ, ସନ୍ତୋଷାନନ୍ଦ ହୋତା, କପିଳ ମିଶ୍ର, ସଂଗ୍ରାମ ଜେନା, ଅଜିତ ପାତ୍ର, ଚିନ୍ମୟ ଷଡ଼ଙ୍ଗୀ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ ।



ଶପଥ ଗ୍ରହଣ କରିଥିବା କର୍ମକର୍ତ୍ତାମାନେ।

## 'ବୁଢ଼ା ବାବୁ' 'ବୁନ୍ଦାଏ ପାଣିରେ ସମୁଦ୍ର' ମଞ୍ଚସ୍ଥ

ଦାମନଯୋଡ଼ି,୯।୪ (ମାନସ ରଞ୍ଜନ କର)

**ନାଟ୍ୟ ମହୋତ୍ସବର ୭ମ ସନ୍ଧ୍ୟା**

ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବ ପକ୍ଷରୁ ଆୟୋଜିତ ଅଷ୍ଟାଦଶ ରାଜ୍ୟସ୍ତରୀୟ ନାଟକ ପ୍ରତିଯୋଗିତାର ୭ମ ସନ୍ଧ୍ୟାରେ ରାଉରକେଲାର ପରିଚୟ ଅନୁଷ୍ଠାନର କଳାକାରମାନେ ମଞ୍ଚସ୍ଥ କରିଥିଲେ ନାଟକ 'ବୁଢ଼ା ବାବୁ'। ସୋମନାଥ ବେହେରାଙ୍କ ରଚନା ଓ ବିଜୟ ଭୋଳଙ୍କ ନିର୍ଦ୍ଦେଶିତ ଏହି ନାଟକରେ କ୍ରମବର୍ଦ୍ଧିଷ୍ଣୁ ଭୋଗବାଦୀ ସଂସ୍କୃତିର ପ୍ରଭାବରେ ମଣିଷ କିପରି ଆତ୍ମକେନ୍ଦ୍ରିକ ହୋଇପଡୁଛି ସେହି ସ୍ୱର ପ୍ରତିଫଳିତ ହୋଇଛି। ଉପଭୋଗ ହିଁ ହୋଇଛି ତା'ର ଏକମାତ୍ର ନୀତି। ଏହି ଭୋଗର ପଥରେ ବାଧା ସୃଷ୍ଟି କଲେ ସେ ନିଜର ଆତ୍ମୀୟ ପରିଜନଙ୍କୁ ମଧ୍ୟ ବଳି ପକାଇ ଦେଇପାରେ। ତା ବିରୋଧରେ ରଚିପାରେ ଷଡ଼ଯନ୍ତ୍ର। ସମାଜର ତଥାକଥିତ ସିଭିଲ ସୋସାଇଟି ନାଁରେ ସେ ହତ୍ୟାକରେ ନିଜର ମଣିଷପଣିଆ। ଆତ୍ମକେନ୍ଦ୍ରିକ,ଭୋଗବାଦୀ, ସ୍ୱାର୍ଥସର୍ବସ୍ୱ, ଅର୍ଥସର୍ବସ୍ୱ,ଆତ୍ମପ୍ରଚାରର ଯୁଗରେ ମଣିଷ କେବଳ ନିଜପାଇଁ ସଂଗ୍ରାମ କରେ। ଏହି ଏକକେନ୍ଦ୍ରୀକ ସ୍ୱର ବହନ କରିଛି ନାଟକ ବୁଢାବାବୁ।

ସେହିପରି ଯାଜପୁରର ଅନ୍ୱେଷଣ ଥିଏଟର ଗ୍ରୁପ୍ କଳାକାରମାନେ ଡ.ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ରଚିତ ଓ ଅନିଲ ଜେନାଙ୍କ ନିର୍ଦ୍ଦେଶିତ ନାଟକ 'ବୁନ୍ଦାଏ ପାଣିରେ ସମୁଦ୍ର' ମଞ୍ଚସ୍ଥ କରିଥିଲେ। ଜୀବନଟା କେବେ ମିଠା ମିଠା ହସ ତ, ପୁଣି କେବେ କାହା ପାଇଁ ବିଷ। ପୁଣି କାହା ପାଇଁ ଲୁହ ଲହର ଜୀବନ।ଜୀବନର ଏହି ସର୍ପିଳ ରାସ୍ତାରେ ସଂସାର ମଧ୍ୟରେ ମଣିଷ ଅନେକ ଅଦିନ ଝଡ଼କୁ ସାମନା କରେ। ସେଥିରୁ ବାଦ ପଡିନାହାନ୍ତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ବାବୁ। ପୁଅବୋହୂ ଉଚ୍ଚଶିକ୍ଷିତା ହୋଇ ମଧ୍ୟ ପରିବାରରେ ଆଡଜଷ୍ଟମେଣ୍ଟ ହୋଇ ଚଳିବା ସେମାନଙ୍କ ପାଇଁ କଷ୍ଟସାଧ୍ୟ। ବାର୍ଦ୍ଧକ୍ୟର ଦିନଗୁଡ଼ାକ ବଞ୍ଚାଇ ରଖିବାକୁ ଚାହିଁଥିଲେ ସନାତନ ବାବୁ। ସମୁଦ୍ର ପରି ଅସୀମ ଭଲପାଇବା ନ ଥିଲେ ବୟସର ଗଛ କ'ଣ ମରିଯାଏ। ଏସୃଷ୍ଟିରେ ତିନିଭାଗ ଲବଣାତ୍ମକ ସମୁଦ୍ର। ତାଙ୍କ ଛାତିଭିତରେ ଜାବୁଡ଼ି ଧରି ରଖିଥିବା ବୁନ୍ଦାଏ ପାଣିର ସମୁଦ୍ରରେ କ'ଣ ସୁନାମି ଆସିବ। ଏପରି ଅନେକ ପ୍ରଶ୍ନକୁ ନେଇ ମଞ୍ଚସ୍ଥ ହୋଇଥିଲା ନାଟକ 'ବୁନ୍ଦାଏ ପାଣିରେ ସମୁଦ୍ର'। ଏହି ନାଟକ ଉତ୍ସବର ୭ମ ସନ୍ଧ୍ୟାରେ ନାଲକୋ ଇଡି ସୁଶୀଲ କୁମାର ପାଢ଼ୀ ମୁଖ୍ୟଅତିଥି ଓ ନାଲ୍‌କୋର ସମୂହ ମହାପ୍ରବନ୍ଧକ ପ୍ରମୋଦ ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ।

# ଅର୍ଥରାଶି ବାଟମାରଣା କରିବାକୁ ପ୍ରୟାସ

ପଟ୍ଟାଙ୍ଗି,୯।୪(ଶରତ ଧଳ)

**ମୁଖ୍ୟମନ୍ତ୍ରୀ ପୁରସ୍କାର**
- ପୁରସ୍କୃତ ବିଦ୍ୟାଳୟ ନାଁ କାଟି ନୂଆ ତାଲିକା କରୁଛନ୍ତି
- ଅଭିଯୋଗର ତଦନ୍ତ ହେବ: ଜିଲା ଶିକ୍ଷା ଅଧିକାରୀ

ମୁଖ୍ୟମନ୍ତ୍ରୀ ପୁରସ୍କାର ନିମନ୍ତେ ଯୋଗ୍ୟ ବିବେଚିତ ବିଦ୍ୟାଳୟ ପରିଚାଳନା କମିଟି, ଆଲୁମ୍ନି, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ନାମକୁ ବାଦ୍‌ଦେଇ ଏହି ତାଲିକାରେ ନାଁ ନ ଥିବା ବିଦ୍ୟାଳୟ ପରିଚାଳନା କମିଟି, ଆଲୁମ୍ନି, ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅର୍ଥରାଶି ପୁରସ୍କାର ଦେବା ଲାଗି ପ୍ରୟାସ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଲୁମ୍ନି ସଦସ୍ୟ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ମତ ପ୍ରକାଶ ପାଉଛି।

ଖବରରୁ ଜଣାପଡ଼ିଛି, ଗତ ଫେବୃଆରୀ ୨୪ରେ କୋରାପୁଟ ଜିଲା ପ୍ରଶାସନ ପକ୍ଷରୁ ଜୟପୁରସ୍ଥିତ ଦଶହରା ପଡ଼ିଆଠାରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଗ୍ୟ ବିବେଚିତ ବିଦ୍ୟାଳୟଗୁଡିକର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ଆଲୁମ୍ନି ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଏବେ ସମ୍ପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ, ଆଲୁମ୍ନି ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତିମାନଙ୍କ ନିକଟକୁ ସେମାନଙ୍କ ଆକାଉଣ୍ଟରେ ପୁରସ୍କାର ବାବଦ ଅର୍ଥରାଶି ଜମା କରିବାର ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ସମ୍ମାନିତ ହୋଇଥିବା ବିଦ୍ୟାଳୟଗୁଡିକର ନାମ ପରିବର୍ତ୍ତନକରି ଅନ୍ୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଆଲୁମ୍ନି ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିମାନଙ୍କ ନାମ ପରିବର୍ତ୍ତନ କରିବାରେ ଲାଗି ପଡିଛନ୍ତି ନାରାୟଣପଟଣା ବ୍ଲକରୁ ଡେପୁଟେଶନରେ ଆସି ଜିଲା କାର୍ଯ୍ୟାଳୟରେ ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଶିକ୍ଷକ ଭବେଶ ପତି। ସେ ଜିଲାର ସମ୍ମାନିତ ୯ଟି ବିଦ୍ୟାଳୟ କାଠରଗୁଡା ୟୁଜିଏଚ୍‌ଏସ୍ , ହିକିମପୁଟ୍ ୟୁଜିଏଚ୍‌ଏସ୍, ଘୁମର ୟୁଜିଏଚ୍‌ଏସ୍, ଅମ୍ବାବାଲି ୟୁଜିଏଚ୍‌ଏସ୍, ଡମଣାହାଣ୍ଡି ୟୁଜିଏଚ୍‌ଏସ୍, କୁନ୍ଦୁରା ହାଇସ୍କୁଲ ଓ ଲକ୍ଷ୍ମୀପୁର ବାଳିକା ଉଚ୍ଚ ବିଦ୍ୟାଳୟ, ଦୟାନିଧିଗୁଡ଼ା ଏବଂ ଗୁମା ବିଦ୍ୟାଳୟ ନାମକୁ ପରିବର୍ତ୍ତନକରି ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କ ନିକଟକୁ ଟଙ୍କା ପଠାଇବା ଲାଗି ଆସିଥିବା ତାଲିକାରେ ନାଁ ନ ଥିବା ବିଦ୍ୟାଳୟଗୁଡିକର ନାମ ଲେଖୁଥିବା ଏହି ୯ ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ଆଲୁମ୍ନି ସଦସ୍ୟମାନେ ଅଭିଯୋଗ ଉଠାଇଛନ୍ତି। ଏ ବିଷୟରେ ଶିକ୍ଷକ ପତିଙ୍କୁ ପଚାରିବାରୁ ସେ ନୂତନ ତାଲିକା ରାଜ୍ୟସ୍ତରରୁ ଆସିଥିବା କେତେବେଳେ କହୁଥିବା ବେଳେ ଆଉ କେତେବେଳେ ଏହା ବ୍ଲକ ଶିକ୍ଷା ଅଧିକାରୀ ଓ ବିଡିଓ ପଠାଇଛନ୍ତି ବୋଲି କହୁଛନ୍ତି। ଆଉ କେତେବେଳେ ଡାଇରେକ୍ଟର ପ୍ରିନ୍ସିପାଲ ନୂତନ ତାଲିକା ପ୍ରସ୍ତୁତ କରିଥିବା କହି ମତ ବଦଳାଉଛନ୍ତି। ଏନେଇ ଜିଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ଚିଠି ଆସିଛି ତାହା ହିଁ ଫାଇନାଲ। ଏଥିରେ ଆଉ କିଏ କେମିତି ବିଦ୍ୟାଳୟଗୁଡିକର ନାମ ପରିବର୍ତ୍ତନ କରି ଏପରି କରିଥାଇପାରନ୍ତି। ଉକ୍ତ ସମସ୍ୟା ତାଙ୍କ ଦୃଷ୍ଟିକୁ ଆସିନାହିଁ। ଏପରି ଅଭିଯୋଗର ତଦନ୍ତ କରିବେ ବୋଲି ସେ କହିଥିଲେ।

## ପଣ୍ଡା କଲୋନୀରେ ସିଲିଣ୍ଡରରୁ ନିଆଁ ଲାଗି ଅଗ୍ନିକାଣ୍ଡ



କୋରାପୁଟ,୯।୪(ଅମିତାଭ ବେହେରା)

କୋରାପୁଟ ସହରର ପଣ୍ଡା କଲୋନୀରେ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ଘରେ ସିଲିଣ୍ଡରରୁ ନିଆଁ ଲାଗି ବହୁ ରୋଷେୟୀ ଆସବାବପତ୍ର ପୋଡିଯାଇଛି। ମଧ୍ୟାହ୍ନରେ ସହରର ପଣ୍ଡା କୋଲନୀରେ ରହୁଥିବା ଗୁପ୍ତେଶ୍ୱର ସାହୁଙ୍କ ଘରେ ଗ୍ୟାସ ଚୁଲାରେ ରୋଷେୟୀ ଚାଲିଥିବାବେଳେ ହଠାତ ଗ୍ୟାସ ପାଇପ୍‌ରେ ନିଆଁ ଲାଗିଯାଇଥିଲା। ଫଳରେ ନିକଟରେ ଥିବା ଇନଭରଟର ବ୍ୟାଟେରି ଏବଂ ବହୁ ରୋଷେୟୀ ସାମଗ୍ରୀ ପୋଡିଯାଇଥିବା ଜଣାପଡିଛି। ନିଆଁ ଲାଗିବା ଦେଖି ପରିବାର ଲୋକେ ଜୀବନ ଭୟରେ ଘର ବାହାରକୁ ଚାଲି ଯାଇଥିଲେ। ଖବରପାଇ କୋରାପୁଟ ଅଗ୍ନିଶମବାହିନୀ ଅଗ୍ନିଶମ ଅଧିକାରୀ ବିଜୟ କିଶାନଙ୍କ ନେତୃତ୍ୱରେ ପହଞ୍ଚି ସିଲିଣ୍ଡରକୁ ବହାରକୁ କାଢିଆଣି ଦୀର୍ଘ ସମୟ ଧରି ପାଣି ପକାଇ ନିଆଁକୁ ଲିଭାଇଥିଲେ।

## ବାସନ୍ତିକ ନବରାତ୍ର ପାଇଁ ଜୟପୁର ଚଳଚଞ୍ଚଳ

ଜୟପୁର,୯।୪ (ପବନ ପାଣିଗ୍ରାହୀ)

ଚୈତ୍ର ମାସର ବାସନ୍ତିକ ନବରାତ୍ର ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ପ୍ରତିବର୍ଷ ଏହି ନବରାତ୍ରି ତିଥିରେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ। ରାଜାରାଜୁଡ଼ା ଅମଳରୁ ପରମ୍ପରା ଅନୁସାରେ ଜୟପୁରରେ ଥିବା ପ୍ରସିଦ୍ଧ ଦେବୀପୀଠଗୁଡିକରେ ଦେବୋତ୍ତର ବିଭାଗ ପକ୍ଷରୁ ଏନେଇ ବିଶେଷ ପ୍ରସ୍ତୁତି ହୁଏ। ସେଥିମଧ୍ୟରୁ ଅଧିଷ୍ଠାତ୍ରୀ ଦେବୀ ମା ଭଗବତୀ, ପୁରୁଣାଗଡ଼ସ୍ଥିତ ମା'ଦକ୍ଷିଣକାଳୀ ପୀଠରେ ନବରାତ୍ର ଅବସରରେ ସ୍ୱତନ୍ତ୍ର ପୂଜା ଓ ହୋମ ହୋଇଥାଏ। ସହରରେ ଥିବା ବସନ୍ତାୟୀ, ଜଗତଜନନୀ ଓ ଝାଙ୍କରଦେବୀ, ରାଜୁ ସାହିସ୍ଥିତ ସର୍ବମଙ୍ଗଳା, ଉଗ୍ରତାରା, କଣ୍ଡରାସାହିସ୍ଥିତ ମା' ମଙ୍ଗଳା, ବାମୁଣିଗାଁସ୍ଥିତ ଶୀତଳା, ପାର୍କ ଲାଇନସ୍ଥିତ ସାତଭଉଣୀ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ହେଉଛି। ପୁରୁଣାଗଡ଼ରେ ଥିବା ଦକ୍ଷିଣକାଳୀଙ୍କ ପୀଠରେ ଉପାସକଙ୍କ ଭିଡ଼ ଜମେ। ନବରାତ୍ର ଆରମ୍ଭରୁ ବ୍ରତଧାରୀଙ୍କ ଅଖଣ୍ଡ ଦୀପକୁ ରଖିବା ପାଇଁ ସୁବିଧା କରାଯିବା ସହ ବିଶେଷ ନୀତି ହୋଇଥାଏ। ସୌରାସାହିଠାରେ ଅବସ୍ଥାପିତ ମା' ବସନ୍ତାୟୀଙ୍କ ପୀଠରେ ସ୍ୱତନ୍ତ୍ର ପୂଜା ହୋଇଥାଏ । ସହରର ଅଧିଷ୍ଠାତ୍ରୀ ଦେବୀ ମା' ଜଗତଜନନୀଙ୍କ ପୀଠରେ ଏହି ନବରାତ୍ରି ଅବସରରେ ପ୍ରବଳ ଜନସମାଗମ ହୋଇଛି। ଏଠାକୁ ସହର ତଥା ସହର ବାହାରୁ ମଧ୍ୟ ଶ୍ରଦ୍ଧାଳୁ ଆସିଥାନ୍ତି। ନବରାତ୍ର ପାଇଁ ବ୍ରତଧାରୀ ପ୍ରଥମ ଦିନ ନିଜ ସାମର୍ଥ୍ୟ ଅନୁସାରେ ସଂକଳ୍ପ କରି ସେହି ଅନୁସାରେ ବ୍ରତ ପାଳନ କରିଥାନ୍ତି। ପ୍ରଥମ ଦିନ ବଡ ଆକୃତିର ମାଟି ଅଥବା ପିତଳ ସରାରେ ଘିଅ କିମ୍ବା ତେଲର ଦୀପ ମା'ଙ୍କ ନାଁରେ ପ୍ରଜ୍ୱଳନ କରାଯାଇଥାଏ। ଏହି ଦୀପ ଯେକୌଣସି ମତେ ନ ଲିଭିବା ପାଇଁ ବ୍ୟବସ୍ଥା କରାଯାଇଥାଏ। ଏହା ୯ ଦିନ ପୂରଣହେବା ଯାଏ ନିରବଚ୍ଛିନ୍ନ ଭାବେ ଜାଳିବାକୁ ହୋଇଥାଏ । ଏହି ବ୍ରତ କଲେ ମାନସିକ ପୂରଣ ହେବା ସହିତ ଦୁଃସାଧ୍ୟ ରୋଗରୁ ମୁକ୍ତି ମିଳିବା, ଯନ୍ତ୍ରଣାରୁ ମୁକ୍ତି ମିଳିବା, ଅସାଧ ସାଧନ ହୋଇପାରେ ବୋଲି ବିଶ୍ୱାସ ରହିଛି। ସନ୍ଧ୍ୟାରେ ମା'ଙ୍କ ଆଳିତ ଦେଖିବା ପାଇଁ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି।



ମା' ଭଗବତୀ।

# ସେମିଳିଗୁଡ଼ାରେ ୭ ଦଣ୍ଡକାଳୀଙ୍କ ମହାମିଳନ ଯାତ୍ରା

ସୁନାବେଡ଼ା/ସେମିଳିଗୁଡ଼ା,୯।୪ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଶ୍ରୀ ଅଗ୍ନି ଗଙ୍ଗା ମା' ଦଣ୍ଡକାଳୀ ପୂଜା କମିଟି ପକ୍ଷରୁ ସେମିଳିଗୁଡ଼ାସ୍ଥିତ ଅଗ୍ନି ଗଙ୍ଗା ମା'ଙ୍କ ପୀଠରେ ମା' ଦଣ୍ଡକାଳୀଙ୍କ ପ୍ରସିଦ୍ଧ ସପ୍ତଦଣ୍ଡ କାଳୀ ମହାମିଳନ ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ପ୍ରଥମ କରି ୭ଟି ଦଣ୍ଡ କାଳୀଙ୍କ ଯାତ୍ରା



ଦଣ୍ଡୁଆମାନେ ସେମିଳିଗୁଡ଼ା ସହରର ବିଭିନ୍ନ ସାହି ପରିକ୍ରମା କରୁଛନ୍ତି।

ପୂଜା କମିଟି ପକ୍ଷରୁ ପାଳନ କରାଯାଇଛି। କମିଟି ନିମନ୍ତ୍ରଣ ପାଇ ମାଲକାନଗିରି, ବାଲିମେଳା ଓ ସୁନାବେଡ଼ାରୁ ଗୋଟିଏ ଲେଖାଏ ଦଣ୍ଡକାଳୀଙ୍କ ଯାତ୍ରା ଦଳ, ଜୟପୁରରୁ ୨ଟି ଦଳ, କୋରାପୁଟରୁ ୨ଟି ଦଳ ଏଥିରେ ସାମିଲ ହୋଇଛନ୍ତି। ନୀତି ଅନୁଯାୟୀ ସମସ୍ତ ଦଣ୍ଡୁଆ ଦଳକୁ ସକାଳ ସାଢେ ୭ଟା ବେଳେ ବାଟବରଣ କରାଯାଇଥିଲା। ସାଢେ ୧୧ଟାରେ ମା' ଅଗ୍ନିଗଙ୍ଗା ପୀଠ ପରିସର ମୁଖ୍ୟ ରାସ୍ତାରେ ଧୂଳିଦଣ୍ଡ ସାରି ଅପରାହ୍ନ ସାଢେ ୩ଟାରେ ମରିଚମାଳ ନଦୀରେ ପାଣିଦଣ୍ଡ ସହ ଅଗ୍ନିଦଣ୍ଡ ସାରିଥିଲେ। ସନ୍ଧ୍ୟା ସାଢେ ୬ଟାରେ ସେମିଳିଗୁଡ଼ା ତହସିଲ ଅଫିସ ପଡ଼ିଆଠାରେ ସପ୍ତଦଣ୍ଡ ମା' ଦଣ୍ଡକାଳୀଙ୍କ ସନ୍ଧ୍ୟା ଆରତି ପରେ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳେ ସମସ୍ତ ଦଣ୍ଡୁଆ ସେମିଳିଗୁଡ଼ା ସହରର ବିଭିନ୍ନ ସାହି ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଦାମନ ଯୋଡ଼ି, ପଟ୍ଟାଙ୍ଗି, ନନ୍ଦପୁର ଓ ସେମିଳିଗୁଡ଼ା ସହ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇ ମା'ଙ୍କ ଦର୍ଶନକରି କୃପାଲାଭ କରିଥିଲେ।

## ଦାମନଯୋଡ଼ିରେ ପଞ୍ଚୁଦଣ୍ଡ ମହାମିଳନ



ମାଥାଲପୁଟ ମିନି ଷ୍ଟାଡିୟମରେ ଏକାଠି ହୋଇଥିବା ୫ ଦଣ୍ଡଠାକୁର।

ଦାମନଯୋଡ଼ି,୯।୪ (ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡ଼ି ଉପକଣ୍ଠ ମାଥାଲପୁଟଠାରେ ମଙ୍ଗଳବାର ପଞ୍ଚୁଦଣ୍ଡ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନାବେଡ଼ା, ବାଲିମେଳା, ମାଲକାନଗିରି, ଜୟପୁର ଓ କୋରାପୁଟ ଅଞ୍ଚଳର ଦଣ୍ଡଯାତ୍ରା ଦଳ ସାମିଲ ହୋଇଥିଲେ। ଶ୍ରୀଭଦ୍ରକାଳୀ ପୂଜା କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ସକାଳୁ ମାଥାଲପୁଟ ବସ୍‌ଷ୍ଟାଣ୍ଡଠାରେ ସମସ୍ତ ଦଳକୁ ସ୍ୱାଗତକରି ନିର୍ଦ୍ଧାରିତ ୫ଟି ସ୍ଥାନକୁ ନିଆଯାଇଥିଲା। ବସ୍‌ଷ୍ଟାଣ୍ଡଠାରେ କୋରାପୁଟ ଦଳ, ଭଦ୍ରକାଳୀ ମନ୍ଦିର ନିକଟରେ ସୁନାବେଡ଼ା ଦଳ, ଦୁର୍ଗାମଣ୍ଡପ ନିକଟରେ ଜୟପୁର ଦଳ, ଏଟିଏମ୍ ଛକରେ ବାଲିମେଳା ଦଳ ଏବଂ ହାଟପଦାଠାରେ ମାଲକାନଗିରି ଦଳ ଦଣ୍ଡଯାତ୍ରା କରିଥିଲେ। ମଧ୍ୟାହ୍ନରେ ଧୂଳିଦଣ୍ଡ ଓ ଅପରାହ୍ନରେ ସ୍ଥାନୀୟ ମରିଚମାଳ ନଦୀରେ ପାଣିଦଣ୍ଡ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସବୁ ଦଳ ନଗର ପରିକ୍ରମା କରିବା ପରେ ମାଥାଲପୁଟ ମିନି ଷ୍ଟାଡିୟମଠାରେ ମହା ଆଳତି ସହ ପଞ୍ଚୁଦଣ୍ଡ ମହାମିଳନ କାର୍ଯ୍ୟକ୍ରମ ହୋଇଥିଲା। ରାତିରେ ବାଲିମେଳା ଓ କୋରାପୁଟ ଦଳ ପକ୍ଷରୁ ଅପେରା ନାଚ ଏବଂ ସୁନାବେଡା, ଜୟପୁର ଓ ମାଲକାନଗିରି ଦଳ ପକ୍ଷରୁ ପାରମ୍ପରିକ ଭାରତଲୀଳା ନାଚ ପରିବେଷଣ କରାଯାଇଥିଲା। ସୁରକ୍ଷା ଓ ଶୃଙ୍ଖଳା ଦୃଷ୍ଟିରୁ ଦାମନଯୋଡ଼ି ଥାନା ପୋଲିସ ପକ୍ଷରୁ ଅଞ୍ଚଳରେ ପୋଲିସ ମୁତୟନ ସହ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଥିଲା।

